OUAT Publication No. : 2026020789

ସଂଖ୍ୟା - ୪୧ ବର୍ଷ-୨୦୨୫ ଏପ୍ରିଲ-ମା

# ନୀଳାଚଳ କୃଷି ବାର୍ତ୍ତା


## କୃଷି ବିଜ୍ଞାନ କେନ୍ଦ୍ର, ପୁରୀ

KRISHI VIGYAN KENDRA, PURI

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର




## କୁଳପତିଙ୍କ ବାର୍ତ୍ତା

କୃଷକ ସମ୍ପ୍ରଦାୟ ନିକଟରେ ଗବେଷଣାଲବ୍ଧ ଜ୍ଞାନର ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟ କରିଥାନ୍ତି । ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା, ଉନ୍ନତ ଫସଲ କିସମ, ସ୍ଥାୟୀ କୃଷି ପଦ୍ଧତି ମାଧ୍ୟମରେ ଉତ୍ପାଦିକତା ଏବଂ ଆୟ ବୃଦ୍ଧି ପାଇଁ ସଶକ୍ତ କରିବା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଲକ୍ଷ୍ୟ । ବିଗତ ବର୍ଷ ମଧ୍ୟରେ, କୃଷି ବିଜ୍ଞାନ କେନ୍ଦ୍ର, ପୁରୀ କୃଷି ଓ କୃଷକ ମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ, ଆଗୁଆ ଧାଡି ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ଏବଂ ସଚେତନତା ଅଭିଯାନ ମାନ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମଗୁଡିକ ଦ୍ୱାରା ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ ସହଣୀ କୃଷି ପଦ୍ଧତି, ଜୈବିକ କୃଷି, ସମନ୍ୱିତ କୃଷି, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, କୃଷି ଯାନ୍ତ୍ରିକୀକରଣ, କୃଷି ଉତ୍ପାଦ ଗୁଡିକର ସଂରକ୍ଷଣ ଆଦି ବିଷୟରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ର, ପୁରୀ; ବିଭିନ୍ନ ସରକାରୀ ବିଭାଗ, ଗବେଷଣା ପ୍ରତିଷ୍ଠାନ ଏବଂ ଚାଷୀ ଉତ୍ପାଦକ ସଂଗଠନ ସହିତ ସହଯୋଗ ମାଧ୍ୟମରେ ଜିଲ୍ଲାରେ କୃଷି ଓ କୃଷକମାନଙ୍କ ଉନ୍ନତି ଦିଗରେ ସର୍ବଦା କାର୍ଯ୍ୟରତ ।

ଏହି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରକାଶ ପାଉଥିବା କୃଷି ସମାଚାର ପତ୍ରିକା **'ନୀଳାଚଳ କୃଷି ବାର୍ତ୍ତା'** ନିଶ୍ଚିତ ଭାବରେ ଜିଲ୍ଲାର କୃଷକ ଓ କୃଷି ସହିତ ଜଡିତ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଉପାଦେୟ ହୋଇପାରିବ ବୋଲି ଆଶା କରୁଛି ।

ମୁଁ ଏହି ପ୍ରକାଶନର ସଫଳତା କାମନା କରୁଛି ।

**କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**



## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର, ପୁରୀର ନିଜସ୍ୱ ସମାଚାର ପତ୍ର 'ନୀଳାଚଳ କୃଷି ବାର୍ତ୍ତା'ର ପ୍ରକାଶନରେ ମୁଁ ବହୁତ ଆନନ୍ଦିତ । ଆମ ରାଜ୍ୟର କୃଷିର ପ୍ରଗତିରେ ପୁରୀ ଜିଲ୍ଲାର ବିଶେଷ ଅବଦାନ ରହିଛି । ଧାନ, ମାଛ, ପାନ, ନଡିଆ ଓ ଛତୁ ଚାଷ ପାଇଁ ପ୍ରସିଦ୍ଧ ଏହି ଜିଲ୍ଲାର ଚାଷୀମାନେ ବେଶ୍ ଅଗ୍ରଣୀ । ବିଗତ ଦିନମାନଙ୍କରେ ଧାନ, ଡାଲି, ଛତୁ, ମାଛ, ପନିପରିବା ଓ ନଡିଆର ପ୍ରକ୍ରିୟାକରଣ ଇତ୍ୟାଦିରେ ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାମାନଙ୍କର ଆଗ୍ରହ ପ୍ରକାଶ ପାଇଛି । ଏପରି ସ୍ଥଳେ କୃଷି କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାର ଅନୁଶୀଳନ କରି ଚାଷୀ କ୍ଷେତ୍ରରେ ନୂତନ ଭାବେ ଉଦ୍ଭାବିତ ଜ୍ଞାନ କୌଶଳକୁ ପରୀକ୍ଷା ନିରୀକ୍ଷା କରିବା ଏବଂ ଏହାକୁ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ଓ ତାଲିମ୍ ମାଧ୍ୟମରେ ଚାଷୀମାନଙ୍କ ଦ୍ୱାରା ଆଦୃତ କରାଇବାରେ କୃଷି ବିଜ୍ଞାନ କେନ୍ଦ୍ର, ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି । ପରିବର୍ତ୍ତୀତ ଜଳବାୟୁରେ ଚାଷକ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାର ସମାଧାନ ପାଇଁ ନିକ୍ରା ଓ ରେଜିଲିଏନସ୍ ପ୍ରକଳ୍ପ ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ କରାଯାଇଛି ।

ମୁଁ ଆଶା କରେ, ଏହି ସମାଚାର ପତ୍ର ଜିଲ୍ଲାର ଚାଷୀ, ବିଭାଗୀୟ ସମ୍ପ୍ରସାରଣ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କୃଷକ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କୁ କୃଷି ତଥା ଆନୁସଙ୍ଗିକ କ୍ଷେତ୍ରରେ ନୂତନ ତଥା ସମୟୋପଯୋଗୀ ଜ୍ଞାନ କୌଶଳ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ମୁଁ ଏହି ସମାଚାର ପତ୍ରର ଉତ୍ତରୋତ୍ତର ଉନ୍ନତି ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

**ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**



## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଙ୍କ ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ୨୦୦୬ ମସିହାରୁ ପ୍ରତିଷ୍ଠିତ ହୋଇ ଜିଲ୍ଲାର କୃଷି ଓ କୃଷି ଆନୁଷଙ୍ଗିକ କ୍ଷେତ୍ରରେ ଚାଷୀମାନଙ୍କର ଜ୍ଞାନର ମାଧ୍ୟମ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି କେନ୍ଦ୍ରର ବୈଜ୍ଞାନିକମାନେ ବିଭିନ୍ନ ଗ୍ରାମକୁ ଗସ୍ତ କରି କ୍ଷେତ୍ର ପରୀକ୍ଷଣ, ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ, ତାଲିମ ଓ ସଚେତନତା ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଆଧୁନିକ ଜ୍ଞାନ କୌଶଳକୁ ଚାଷୀମାନଙ୍କୁ ଅବଗତ କରାଇବା ସହିତ କୃଷି ବାର୍ତ୍ତା, ହ୍ୱାଟ୍ସଆପ୍ ଗ୍ରୁପ୍ ଦ୍ୱାରା ଅଧିକ ରୁ ଅଧିକ ଚାଷୀଙ୍କୁ ଯୋଡିବା ପାଇଁ ଚେଷ୍ଟା କରୁଛନ୍ତି । ମୁଁ ଆଶା କରେ କେନ୍ଦ୍ର ଦ୍ୱାରା ପ୍ରକାଶିତ ଏହି ସମାଚାର ପତ୍ରିକାଟି ପାଠକ ମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପହଞ୍ଚାଇବ ।

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**
**କୃଷି ବିଜ୍ଞାନ କେନ୍ଦ୍ର, ପୁରୀ**

## ମାନ୍ୟବର ରାଜ୍ୟପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ




ଚଳିତ ବର୍ଷ ତା ୧୭.୦୪.୨୦୨୫ ରିଖ ଦିନ ଓଡିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ସପତ୍ନୀକ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ । ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ବୃନ୍ଦ କେନ୍ଦ୍ରରେ ଥିବା କୃଷି ଓ ଆନୁସଙ୍ଗିକ କୃଷିର ବହୁବିଧ ଉନ୍ନତମାନର ପ୍ରଦର୍ଶନ ୟୁନିଟ୍ ଗୁଡିକ ବୁଲାଇ ଦେଖାଇବା ସହ ବିସ୍ତୃତ ଭାବରେ ବୁଝାଇଥିଲେ । କୃଷକ ମାନଙ୍କୁ ସ୍ୱାବଲମ୍ବୀ କରିବା ସହ କୃଷିକୁ ନେଇ ଉନ୍ନତ ଜ୍ଞାନ କୌଶଳ ସମ୍ପର୍କରେ ସଚେତନ କରାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ପ୍ରତି ଗୁରୁବାର କେନ୍ଦ୍ର ପକ୍ଷରୁ ପ୍ରଭୁ ଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ତୁଳସୀ ପଠାଯାଇଥାଏ । ସେହିଦିନ ଗୁରୁବାର ଥିବାରୁ କେନ୍ଦ୍ରରୁ ପଠାଯାଇଥିବା ତୁଳସୀକୁ ରାଜ୍ୟପାଳ ନିଜେ ମହାପ୍ରଭୁ ଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କ ଉଦ୍ଦେଷରେ ଅର୍ପଣ କରିଥିଲେ ।

## ଜାତୀୟ ସ୍ତରରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମର ଶୁଭାରମ୍ଭ



ସାରା ଦେଶର କୃଷକ ଓ ବୈଜ୍ଞାନିକଙ୍କୁ ଯୋଡିବା ଉଦ୍ଦେଶ୍ୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ତା ୨୯.୫.୨୦୨୫ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର, ପୁରୀଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ପ୍ରାୟ ୨୧୧୭ ଟି ବୈଜ୍ଞାନିକ ଟିମ୍ ୭୦୦ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରି ଦେଢ କୋଟି କୃଷକଙ୍କ ସମସ୍ୟା ବୁଝି ସମାଧାନ କରିଥିଲେ । କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀଯୁକ୍ତ ଶିବରାଜ ସିଂ ଚୌହାନ ଯୋଗଦେଇ କୃଷକ ଜମିରେ ବୀଜ ନୁହେଁ, ଜୀବନ ବୁଣିଥାଏ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀଯୁକ୍ତ କନକବର୍ଦ୍ଧନ ସିଂହଦେଓ, ଅଭିଯାନ ମାଧମରେ ଚାଷୀର ଅମଳ ସହ ଆୟ ବୃଦ୍ଧି ପାଇଁ ସରକାରୀ ଯୋଜନା ଗୁଡିକ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ କେନ୍ଦ୍ର ପରିସରରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଗୋଟିଏ ଲେଖାଁଏ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ପିପିଲି ବିଧାୟକ



ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢୀ, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ବିଜ୍ଞାନ ଉପମହାନିର୍ଦ୍ଦେଶକ ଡ. ଜୟକୃଷ୍ଣ ଜେନା, କୃଷି ସଂପ୍ରସାରଣ ଉପମହାନିର୍ଦ୍ଦେଶକ ଡ. ରାଜବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ ଶୁଭମ୍ ସାକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ । ୨୯ ମେ ରୁ ଜୁନ୍ ୧୨ ପର୍ଯ୍ୟନ୍ତ ଦେଶ ବ୍ୟାପି କୃଷିରଥ ପରିଭ୍ରମଣ କରି ଏହି କାର୍ଯ୍ୟକ୍ରମରେ ସରକାରଙ୍କର ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ



କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ତା ୧୧.୧୦.୨୦୨୫ ରିଖ ଦିନ ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡା.ସମ୍ବିତ୍ ପାତ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କିଭଳି ଚାଷୀ ଭାଇଭଉଣୀ ମାନେ ଉପଯୋଗ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶରତ ବେହେରା, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ସତ୍ୟନାରାୟଣ କର, ଜିଲ୍ଲା ମୁଖ୍ୟ ଉଦ୍ୟାନ ଉପନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ, ସତ୍ୟବାଦୀ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଦେବାଶିଷ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀମତୀ ବିଷ୍ଣୁପ୍ରିୟା ବରାଳ ଓ ଶ୍ରୀଯୁକ୍ତ ରତିକାନ୍ତ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି ସଭାରେ ୪୦୦ ରୁ ଅଧିକ ଚାଷୀ ଭାଇଭଉଣୀମାନେ ଯୋଗ ଦେଇଥିଲେ ।

## ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନା

ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ କର କମଳରେ ପି.ଏମ୍. କିଷାନ୍ ସମ୍ମାନ ନିଧି ଯୋଜନାର ୨୦ ତମ କିସ୍ତି ପ୍ରଦାନର ସିଧା ପ୍ରସାରଣ ତା.୦୨.୦୮.୨୦୨୫ ଦିନ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଯୋଗଦାନ କରି ଏହି ଅବସରରେ ପ୍ରଧାନ ମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଦେଖିବା ସହିତ ଉପସ୍ଥିତ ଋଷୀଙ୍କୁ ପି.ଏମ୍. କିଷାନ୍ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ । ସତ୍ୟବାଦୀର ବିଧାୟକ ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସରକାରୀ ସୁବିଧା, ସୁଯୋଗ ଓ ସହାୟତାର ଲାଭ ଉଠାଇ ଋଷ କାର୍ଯ୍ୟରେ ଆଗେଇଯିବା ପାଇଁ ଋଷୀଭାଇମାନଙ୍କୁ ଉତ୍ସାହିତ କରିଥିଲେ । ଏହି ୨୦ ତମ କିସ୍ତିରେ ସମଗ୍ର ଦେଶର ୯.୭ କୋଟି ଋଷୀଙ୍କ ଖାତାକୁ ୨୦,୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଉତ୍ତର ପ୍ରଦେଶର ବାରଣାସୀରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୦୦ ରୁ ଉର୍ଦ୍ଧ ଋଷୀ ଭାଇ ଓ ଭଉଣୀମାନେ ଦେଖିଥିଲେ ।



## କଲରା ଫସଲରେ ଅଣୁସାର ପତ୍ର ସିଞ୍ଚନ



ଆମ ଜିଲ୍ଲାରେ ପ୍ରାୟ ୧୯୦ ହେକ୍ଟର ଜମିରେ କଲରା ଚାଷ କରାଯାଏ ଓ ଉତ୍ପାଦିକତା ହାର ୧୦୩ କ୍ୱିଣ୍ଟାଲ ପ୍ରତି ହେକ୍ଟର ହେଉଛି । ଚାଷୀମାନେ ସାଧାରଣତଃ ମୁଖ୍ୟ ସାର ଯଥା ଯବକ୍ଷାରଜାନ, ଫସଫରସ ଓ ପଟାସ ସାର ପରିଚାଳନା ଉପରେ ଗୁରୁତ୍ୱ ଦେଇଥାନ୍ତି କିନ୍ତୁ ଗୌଣ ସାର ଯଥା ବୋରନ, ଦସ୍ତା, ଲୌହ, ମଲିବିଡେନମ୍, ତମ୍ବା, ମାଙ୍ଗାନିଜ ଇତ୍ୟାଦିର ବ୍ୟବହାର କରି ନଥାନ୍ତି । ବୋରନ ଅଣୁସାର ଅଭାବରୁ ମାଇ ଫୁଲ କଷି କମ୍ ଆସିବା ସହିତ ଅମଳ ହ୍ରାସ ପାଏ । ଅନ୍ୟାନ୍ୟ ଅଣୁସାର ଅଭାବରେ ମଧ୍ୟ ଫଳ ଅମଳ ଓ ଫଳର ଗୁଣାତ୍ମକ ମାନ କମିଯାଏ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନରୁଡା, ବାସୁଦେଇପୁର ଇତ୍ୟାଦି ଗ୍ରାମରେ କଲରା ଫସଲରେ ଅଣୁସାର ପତ୍ରସିଞ୍ଚନ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଫସଲରେ ଫୁଲ ଆସିବା ସମୟରେ ଜଳରେ ଦ୍ରବୀଭୂତ ହୋଇ ପାରୁଥିବା ଅଣୁସାର ଯଥା ବୋରନ, ତମ୍ବା, ଲୌହ, ଦସ୍ତା, ମାଙ୍ଗାନିଜ, ମଲିବିଡେନମ୍ ଇତ୍ୟାଦି ପତ୍ର ସିଞ୍ଚନ କରାଗଲା । ପ୍ରଦର୍ଶନ ହୋଇଥିବା କ୍ଷେତ୍ରରୁ ଗଛ ପିଛା ୩୮ଟି ଫଳ ହୋଇଥିବା ବେଳେ ଚାଷୀଙ୍କ କ୍ଷେତ୍ରରୁ ୨୯ଟି ଫଳ ଅମଳ ହୋଇଥିଲା । ସେହିଭଳି ଭାବେ ପ୍ରଦର୍ଶନ ହୋଇଥିବା କ୍ଷେତ୍ରରୁ ହେକ୍ଟର ପିଛା ୧୪୬ କ୍ୱିଣ୍ଟାଲ ଅମଳ ମିଳିଥିବା ବେଳେ ଚାଷୀଙ୍କ କ୍ଷେତ୍ରରୁ ୧୨୨କ୍ୱିଣ୍ଟାଲ ଅମଳ ହୋଇଥିଲା ।

## ସୂର୍ଯ୍ୟମୁଖୀ ଫସଲରେ ସମନ୍ୱିତ ସାର ପରିଚାଳନା



ସୂର୍ଯ୍ୟମୁଖୀ ଫସଲ କରୁଥିବା ଚାଷୀମାନେ ସାଧାରଣତଃ ମୁଖ୍ୟସାର ଯଥା ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସକୁ ପ୍ରୟୋଗ କରିଥାନ୍ତି । କିନ୍ତୁ ପୁରୀ ଜିଲ୍ଲାର ମାଟିରେ ଅମ୍ଳତା ଅଧିକ ରହୁଥିବାରୁ ଗୌଣସାର ଯଥା ବୋରନ, ସଲଫର, ଦସ୍ତା ଇତ୍ୟାଦିର ଅଭାବ ଦେଖାଯାଇଥାଏ । ଏହାର ଫଳ ସ୍ୱରୁପ ସୂର୍ଯ୍ୟମୁଖୀ ଫସଲରେ ଛୋଟ ଆକାରର ଫୁଲ ଆସିବା ସହିତ ଅମଳ ଓ ତେଲର ମାତ୍ରା କମ୍ ରହିଥାଏ । ଏହି ସମସ୍ୟାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସତ୍ୟବାଦୀ ବ୍ଲକର ଅଠେଇସ ଏବଂ ବାସୁଦେଇପୁର ଗ୍ରାମର ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ସୂର୍ଯ୍ୟମୁଖୀ ଫସଲରେ ସମନ୍ୱିତ ସାର ପରିଚାଳନାର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ରାସାୟନିକ ସାର ପ୍ରୟୋଗ ସହିତ ଜମିରେ ଅଣୁଜୀବ କନ୍‌ସୋର୍ଟିୟମ୍ ମିଶ୍ରଣକୁ ପ୍ରୟୋଗ କରିବା ଦ୍ୱାରା ମାଟିରେ ବାନ୍ଧି ହୋଇ ରହିଥିବା ଫସଲ ଉପଯୋଗୀ ଖାଦ୍ୟ ଫସଲକୁ ବହୁ ମାତ୍ରାରେ ଉପଲବ୍ଧ ହୋଇଥାଏ । ଏହି ପ୍ରଦର୍ଶନରେ ଅନୁମୋଦନ ସାରମାତ୍ରା ସହିତ ଜିଙ୍କ୍ ସଲଫେଟ୍, ବୋରନ ଏବଂ ଅଣୁଜୀବ ମିଶ୍ରଣ ଚାଷୀମାନେ ପ୍ରଥମ ଓଡ ସମୟରେ ପ୍ରୟୋଗ କରିବା ଦ୍ୱାରା ପ୍ରଦର୍ଶନ ହୋଇଥିବା କ୍ଷେତ୍ରରୁ ହେକ୍ଟର ପ୍ରତି ୮.୮ କ୍ୱିଣ୍ଟାଲ ମଞ୍ଜି ଅମଳ ହୋଇଥିଲା ଓ ଲାଭ ଟ. ୧୪,୨୪୯/- ମିଳିଥିଲା ।

## ସଙ୍କର କିସମ ଟମାଟୋ 'ଅର୍କାରକ୍ଷକ' ର କ୍ଷେତ୍ର ପ୍ରଦର୍ଶନ



ଆମ ଜିଲ୍ଲାରେ ପ୍ରାୟ ୮୩୦ ହେକ୍ଟରରୁ ଅଧିକ ଜମିରେ ଟମାଟୋ ଫସଲ ଚାଷ କରାଯାଏ । ଟମାଟୋ ଫସଲର ଉତ୍ପାଦିକତା ହାର ହେକ୍ଟର ପିଛା ୧୪୪ କ୍ୱିଣ୍ଟାଲ ହେଉଛି । ଉତ୍ପାଦିକତା ହାର ହ୍ରାସ ପାଇବାର ବିଭିନ୍ନ କାରଣ ମଧ୍ୟରୁ ଝାଉଁଳା ରୋଗ, ଭୂତାଣୁ ଜନିତ ପତ୍ରମୋଡା ରୋଗ ଓ ସଅଳ ପତ୍ର ପୋଡା ରୋଗ ଅନ୍ୟତମ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପୋଷ୍ୟଗ୍ରାମ ଗୁଡିକରେ ଟମାଟୋ ଫସଲର ଏକ ନୂତନ ସଙ୍କର କିସମ "ଅର୍କାରକ୍ଷକ" ସଫଳ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି କିସମର ତ୍ରିମୁଖୀ ରୋଗ ପ୍ରତି ରୋଧକ ଶକ୍ତି ରହିଛି । ଅର୍ଥାତ୍ ଏହି କିସମରେ ବୀଜାଣୁ ଜନିତ ଝାଉଁଳା ରୋଗ, ଭୂତାଣୁ ଜନିତ ପତ୍ରମୋଡା ରୋଗ ଓ ସଅଳ ପତ୍ର ପୋଡା ରୋଗ ସଂକ୍ରମଣ ହୋଇନଥାଏ । ଗୋଟିଏ ଫଳର ଓଜନ ୮୦ ରୁ ୧୦୦ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଏହାର ଚୋପା ମୋଟା ହୋଇଥିବାରୁ ଦୂର ବଜାରକୁ ବିକ୍ରି ପାଇଁ ପରିବହନ କରାଯାଇପାରେ ଓ ଅମଳ ହେବାର ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରେ । ପ୍ରଦର୍ଶିତ ହୋଇଥିବା କ୍ଷେତ୍ରରୁ ଗୋଟିଏ ଗଛ ପିଛା ୪୪ଟି ଫଳ ଫଳିଥିବା ବେଳେ ଚାଷୀଙ୍କ କ୍ଷେତ୍ରରୁ ୩୨ଟି ଫଳ ହୋଇଥିଲା । ପ୍ରଦର୍ଶନ କ୍ଷେତ୍ରରୁ ହେକ୍ଟର ପିଛା ୩୪୨ କ୍ୱିଣ୍ଟାଲ ଅମଳ ମିଳିଥିବା ବେଳେ ଚାଷୀଙ୍କ କ୍ଷେତ୍ରରୁ ୨୯୧ କ୍ୱିଣ୍ଟାଲ ଅମଳ ହୋଇଥିଲା ।

## ଧାନ ଫସଲରେ ପତ୍ର ଆଚ୍ଛାଦ ପୋଡା ରୋଗ ପରିଚାଳନାର ପ୍ରଦର୍ଶନ

ପୁରୀ ଜିଲ୍ଲାରେ ପ୍ରାୟ ୧,୨୦,୧୫୦ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି । ଧାନ ଉତ୍ପାଦିକତା ହାର ହେକ୍ଟର ପିଛା ୩୪ କ୍ୱିଣ୍ଟାଲ ରହିଛି । ଉତ୍ପାଦିକତା ହାର ହ୍ରାସ ପାଇବାର ବିଭିନ୍ନ କାରଣ ମଧ୍ୟରୁ ପତ୍ର ଆଚ୍ଛାଦ ପୋଡା ରୋଗ ଅନ୍ୟତମ । ଏହା ଏକ ଫିମ୍ପି ଜନିତ ରୋଗ ଅଟେ । ଏହି ରୋଗ ସଂକ୍ରମଣ ହେଲେ ପତ୍ର ଆଚ୍ଛାଦରେ ଛଉ ବା ସାପ କାତି ଭଳି ଦାଗ ସୃଷ୍ଟି ହୁଏ ଓ ପରେ ଏହି ଦାଗ ଗୁଡିକ ମିଶି ଯାଇ ସମ୍ପୂର୍ଣ୍ଣ ପତ୍ର ପୋଡିଯାଏ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଧାନ ଫସଲରେ ପତ୍ର ଆଚ୍ଛାଦ ପୋଡା ରୋଗ ନିୟନ୍ତ୍ରଣ ପାଇଁ ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନରେ (ଆଜୋକ୍ସିଷ୍ଟ୍ରବିନ୍ ୧୮.୨% + ଡାଇଫେନକୋନାଜଲ ୧୧.୪%) ନାମକ ଏକ ଫିମ୍ପିନାଶକ (୧ ମି.ଲି./ଲିଟର) ସିଞ୍ଚନ କରାଯାଇଥିଲା । ପ୍ରଦର୍ଶନ କ୍ଷେତ୍ରରେ ରୋଗ ସଂକ୍ରମଣ ୮% ଥିଲା ବେଳେ ଚାଷୀଙ୍କ କ୍ଷେତ୍ରରେ ୨୯% ଥିଲା । ସେହିପରି ଭାବେ ପ୍ରଦର୍ଶିତ ହୋଇଥିବା କ୍ଷେତ୍ରରୁ ହେକ୍ଟର ପିଛା ୪୫ କ୍ୱିଣ୍ଟାଲ ଅମଳ ହୋଇଥିବା ବେଳେ ଚାଷୀଙ୍କ କ୍ଷେତରୁ ୩୮ କ୍ୱିଣ୍ଟାଲ ଅମଳ ହୋଇଥିଲା ।



## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ



ଗତ ତା ୧୦.୦୭.୨୦୨୫ ଦିନ ପୁରୀ ଜିଲ୍ଲା ମତ୍ସ୍ୟ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର, ପୁରୀର ମିଳିତ ଆନୁକୂଲ୍ୟରେ କେନ୍ଦ୍ରର ସାକ୍ଷୀଗୋପାଳ ସ୍ଥିତ ସମ୍ମେଳନ ଗୃହରେ ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ ଏବଂ ଅନ୍ୟ ଆମନ୍ତ୍ରିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ସତ୍ୟନାରାୟଣ କର ଏବଂ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶିକା ଡ. ମଞ୍ଜୁଳା ତ୍ରିପାଠି ଯୋଗ ଦେଇଥିଲେ । ସଭାକାର୍ଯ୍ୟ ଆରମ୍ଭରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ଅଜୟ ବସ୍ତିଆ ଜାତୀୟ ମତ୍ସ୍ୟ ଚାଷୀ ଦିବସର ତାତ୍ପର୍ଯ୍ୟ ତଥା ୧୯୫୭ ମସିହା ଜୁଲାଇ ୧୦ ତାରିଖରେ ଦୁଇଜଣ ମତ୍ସ୍ୟ ବିଜ୍ଞାନୀ ଡ. ହୀରାଲାଲ୍ ଚୌଧୁରୀ ଏବଂ ଡ. କେ.ଏଚ୍. ଆଲିକୁନି କିଭଳି ପ୍ରଥମଥର ପାଇଁ ମାଛ ପିଟ୍ୟୁଟାରି ଗ୍ରନ୍ଥିର ନିର୍ଯ୍ୟାସକୁ ବ୍ୟବହାର କରି କାର୍ପ ମାଛର ପ୍ରଭାବିତ ପ୍ରଜନନ ଓଡିଶାର ଅନୁଗୁଳ ସ୍ଥିତ ପଣ୍ଡ କଲଚର ଡିଭିଜନ ଠାରେ କରିଥିଲେ ତା'ର ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମିଶ୍ର, ପୁରୀ ଜିଲ୍ଲାରେ ଅବ୍ୟବହୃତ ଭାବେ ରହି ଯାଇଥିବା ଜଳପୂର୍ଣ୍ଣ ଖାଲୁଆ ଜମି ଗୁଡିକରେ କିଭଳି ମଧୁର ଜଳ ମାଛ ଚାଷକୁ ଅଧିକରୁ ଅଧିକ ଜୀବିକା ନିର୍ବାହର ପନ୍ଥା ଭାବେ ନିଆଯାଇ ପାରିବ ଏବଂ ମତ୍ସ୍ୟଚାଷରେ ଅଧିକ ପରିମାଣର ଚାଷୀ ନିୟୋଜିତ ହୋଇ ଉଦ୍ୟୋଗୀ ହୋଇପାରିବେ, ସେ ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ । ସଭାଶେଷରେ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଜିଲ୍ଲା ମତ୍ସ୍ୟବିଭାଗର କର୍ମକର୍ତ୍ତା ଓ ୧୫୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ ମହିଳା ଅଂଶ ଗ୍ରହଣ କରିଥିଲେ ।

## ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷର ପରୀକ୍ଷଣ




ଛତୁଚାଷରେ ବିଡା ନଡାର ଅଭାବ ଏବଂ ପରିବର୍ତ୍ତିତ ଜଳବାୟୁରେ ପାଳଛତୁ ଚାଷରୁ ଅଧିକ ଲାଭ ପାଇବା ପାଇଁ ଅର୍ଦ୍ଧକମ୍ପୋଷ୍ଟ ମାଧ୍ୟମରେ ପାଳଛତୁ ଚାଷର ପରୀକ୍ଷଣ କେନ୍ଦ୍ର ପକ୍ଷରୁ ଖରିଫ୍ ଋତୁରେ କରାଯାଇଥିଲା । ସତ୍ୟବାଦୀ ଓ ପିପିଲି ବ୍ଲକର ୭ଜଣ ଚାଷୀଙ୍କୁ ଏହି ଚାଷର ଦୁଇଟି ପରିକ୍ଷଣ ଶୈଳୀ ପରାମର୍ଶ ଦିଆଯାଇଥିଲା । ପ୍ରଥମ ପଦ୍ଧତିରେ ବିଡାନଡାକୁ କାଟି କମ୍ପୋଷ୍ଟ ପ୍ରସ୍ତୁତ କରାଯାଇଥିଲା ଏବଂ ଦ୍ୱିତୀୟଟି ମେସିନ୍ ଦ୍ୱାରା ଅମଳ ହୋଇଥିବା ନଡାକୁ କମ୍ପୋଷ୍ଟରେ ବ୍ୟବହାର କରାଯାଇଥିଲା । କମ୍ପୋଷ୍ଟ ପ୍ରସ୍ତୁତି ପାଇଁ କଟାଯାଇଥିବା ନଡା, ଚୋକଡ(୬%), କୁକୁଡା ଖତ(୧.୫%) ଏବଂ କ୍ୟାଲସିୟମ କାରବୋନେଟ୍ (୨%) ବ୍ୟବହାର କରାଯାଇଥିଲା । ଏହି କମ୍ପୋଷ୍ଟ ପ୍ରସ୍ତୁତି ୬ଦିନ ଲାଗିଥିଲା ଏବଂ ତାପରେ ୧୫ ସେ.ମି. ବହଳର ବେଡ ପ୍ରସ୍ତୁତି କରି ମଞ୍ଜି ପ୍ରୟୋଗ କରାଯାଇଥିଲା । ବେଡକୁ ପଲିଥିନ୍ ଚାଦରରେ ଘୋଡାଇ ରୁମ୍ ର ତାପମାତ୍ରା ୩୦-୩୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରଖାଯାଇଥିଲା । ବେଡ୍ ପକାଇବାର ୪-୫ ଦିନ ପରେ ଛତୁର ପିନ୍ ହେଡ୍ ଆରମ୍ଭ ହୋଇ ୧୫ ଦିନରେ ଅମଳ ଆରମ୍ଭ ହୋଇଥିଲା । ବିଡା ନଡାରେ ପ୍ରସ୍ତୁତ ବେଡ୍‌ର ଅମଳ ତୁଳନାରେ ଦୁଇଟିଯାକ ପଦ୍ଧତିରେ ଅମଳ ବଢିଯାଇଥିଲା । ବିଡାନଡାକୁ କାଟି ପ୍ରସ୍ତୁତ କମ୍ପୋଷ୍ଟ ପ୍ରଣାଳୀରେ ଜୈବିକ ଦକ୍ଷତା (Biological efficiency) ୧୫-୧୬ ପ୍ରତିଶତ ହୋଇଥିଲା । ତେଣୁ ଆଗାମୀ ଦିନରେ ଚାଷୀ ମାନେ ଏହି ପ୍ରଣାଳୀରେ ଛତୁଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

## ନଡିଆ ଗଛ ଚଢା ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ




ପୁରୀ ଜିଲ୍ଲାରେ ନଡିଆ ଏକ ମୁଖ୍ୟ ଚାଷ ଅଟେ । ଜିଲ୍ଲାରେ ପ୍ରାୟ ୫,୩୦୦ ହେକ୍ଟର ଜମିରେ ନଡିଆ ଚାଷ କରାଯାଉଛି । ସାଧାରଣତଃ ଚାଷୀଭାଇ ଓ ଭଉଣୀ ମାନେ ଆଞ୍ଚଳିକ ଭାଷାରେ 'ମାଲୁଆ' ବା ନଡିଆ ଚଢାଳୀ ମାନଙ୍କ ଉପରେ ଗଛରୁ ନଡିଆ ତୋଳିବା ପାଇଁ ନିର୍ଭର କରନ୍ତି । ଯାହା ଫଳରେ ଏହି କାର୍ଯ୍ୟରେ ମଜୁରୀ, ସମୟ ଓ ପରିଶ୍ରମ ଅଧିକ ହୋଇଥାଏ । ଜିଲ୍ଲାରେ ମଧ୍ୟ ନଡିଆ କିସମ 'ସାକ୍ଷିଗୋପାଳ ଲୋକାଲ୍' ବହୁଳ ଭାବରେ ଚାଷୀମାନେ ଲଗାଇଥାନ୍ତି । ଏହି କିସମର ଗଛଗୁଡିକ ସାଧାରଣତଃ ଡେଙ୍ଗା ଏବଂ ସିଧା ନ ହୋଇ ଟିକିଏ ଅଙ୍କାବଙ୍କା ମଧ୍ୟ ହୋଇଥାଏ । ତେଣୁ ଗଛ ଚଢିବା ଏକ କଷ୍ଟକର ବ୍ୟାପାର ହୋଇପଡେ । ମାଲୁଆ ମାନେ ମଧ୍ୟ ଚଢିବାକୁ ବହୁ ସମୟରେ ମିଳି ନଥାନ୍ତି । ଏହା ସହିତ ଗଛର ପତ୍ର କାଣ୍ଟଛାଣ୍ଟ କରିବା ପାଇଁ ଏବଂ ଗଛର ଯତ୍ନ ନେବା ପାଇଁ ନଡିଆ ଗଛ ବହୁତ ସମୟରେ ଚଢିବାକୁ ପଡେ । କିନ୍ତୁ ଚଢାଳୀ ନ ମିଳିବାରୁ ଗଛର ଯତ୍ନ ନେଇ ହୁଏ ନାହିଁ । ଏହି ସମସ୍ୟାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ଏକ ବସି କରି ଏବଂ ଏକ ଛିଡା ହୋଇ ନଡିଆ ଗଛ ଚଢା ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ ହୋଇଥିଲା । ଏହି ପରୀକ୍ଷଣରୁ ଦେଖାଯାଇଛି ଯେ, ଛିଡାହୋଇ ନଡିଆ ଗଛ ଚଢା ଯନ୍ତ୍ର ବ୍ୟବହାର କରି ଗୋଟିଏ ଘଣ୍ଟାରେ ପ୍ରାୟ (୨୫-୩୦) ଟି ନଡିଆ ଗଛ ଚଢାଯାଇ ପାରିବ । ଏହା ସହିତ ବସି କରି ନଡିଆ ଗଛ ଚଢା ଯନ୍ତ୍ର ବ୍ୟବହାର କରି ଘଣ୍ଟାପ୍ରତି (୧୮-୨୦) ଟି ଗଛ ଚଢାଯାଇପାରିବ । ଏହି ଚଢାଯନ୍ତ୍ର ବିଷୟରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ତାଲିମ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଅଛି ।



## ଓ.ୟୁ.ଏ.ଟିର ୬୪ତମ ପ୍ରତିଷ୍ଠା ଦିବସରେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ପୁରସ୍କୃତ

୨୦୨୫ ମସିହା ଅଗଷ୍ଟ ୨୪ ତାରିଖରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୪ ତମ ପ୍ରତିଷ୍ଠା ଦିବସ ଭବ୍ୟଭାବେ ପାଳନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାର ଜଣେ ଅଗ୍ରଣୀ ଚାଷୀ ଭାଇ ଓ ଭାଉଣୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆମର କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉତ୍ତମ କୃଷି ବିଜ୍ଞାନ କେନ୍ଦ୍ର ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲା । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ମାନ୍ୟବର ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏପରି ସମ୍ମାନ ଆଗାମୀ ଦିନରେ କୃଷିର ଉନ୍ନତି ପାଇଁ ଅଧିକ ପ୍ରେରଣା ଦେବ ।



## ଟ୍ରାକ୍ଟର ଚାଳିତ ଗୋଲାକାର ବେଲର୍ ର କ୍ଷେତ୍ର ପ୍ରଦର୍ଶନ




ଜିଲ୍ଲାର ପ୍ରାୟତଃ ୧,୨୦,୧୫୦ ହେକ୍ଟର ଜମିରେ ଧାନ ଚାଷ ହେଉଅଛି । ଧାନ ପରେ ଚାଷୀମାନେ ମୁଗ, ବିରି ଚାଷ କରନ୍ତି । ମାତ୍ର ଧାନ କାଟିବା ଓ ମୁଗ କିମ୍ବା ବିରି ବୁଣିବା ମଧ୍ୟରେ ସମୟ ବହୁତ କମ୍ ମିଳୁଥିବାରୁ ଏବଂ ମୃତ୍ତିକାର ଜିଳୀୟ ଅଂଶ କମିଯିବାର ସମ୍ଭାବନା ଥିବାରୁ ଚାଷୀମାନେ ଧାନ କାଟିଲା ପରେ ଜମିରେ ଥିବା ପାଳକୁ ପୋଡି ଦିଅନ୍ତି । ଯାହା ଦ୍ୱାରା କି ଜମି ଶୀଘ୍ର ଡାଲିଜାତୀୟ ଫସଲ ବୁଣିବା ପାଇଁ ପ୍ରସ୍ତୁତ ହୋଇପାରିବ । କିନ୍ତୁ ଜମିକୁ ପୋଡିବା ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ ନଷ୍ଟ ହୋଇଥାଏ ଏବଂ ମୃତ୍ତିକାରେ ଥିବା ଉପକାରୀ ଜୀବାଣୁମାନେ ମରିଯାନ୍ତି, ଫଳରେ ଉର୍ବରତା କମିଯାଏ । ଏହା ବ୍ୟତୀତ ଆଗାମୀ ଡାଲିଜାତୀୟ ଫସଲ ପାଇଁ ଆବଶ୍ୟକ ଯବକ୍ଷାରଜାନ ମଧ୍ୟ ମୃତ୍ତିକାର ନଷ୍ଟ ହୋଇଯାଏ । ପୋଡିବା ଦ୍ୱାରା ମଧ୍ୟ ପରିବେଶ ପ୍ରଦୂଷଣ ହୋଇଥାଏ ଏବଂ ମଣିଷ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରବାହ ପଡିଥାଏ । ଏହି ସମସ୍ୟାର ସମାଧାନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଟ୍ରାକ୍ଟର ଚାଳିତ ଗୋଲାକାର ବେଲରର ପ୍ରଦର୍ଶନ ରେସିଙ୍ଗା ଗ୍ରାମରେ ୫.୦ ହେକ୍ଟର ଜମିରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଦର୍ଶନରୁ ଦେଖାଯାଇଅଛି ଯେ, ବେଲର୍ ମେସିନ୍‌ଟି ଘଣ୍ଟାକୁ ୨୫-୩୦ ଟି ବେଲ୍ ବାନ୍ଧିଥିଲା ଓ ବେଲର୍ ଚଳାଇବା ଦ୍ୱାରା ହେକ୍ଟର ପ୍ରତି ୧୨୦୦ ଟଙ୍କା ଲାଭ ମିଳିଥିଲା । ଏହି ଗୋଲାକାର ବେଲ୍ ଗୁଡିକ ଗୋ ଖାଦ୍ୟ କିମ୍ବା କମ୍ପୋଷ୍ଟ ନିମନ୍ତେ ମଧ୍ୟ ବ୍ୟବହାର କରାଯାଇପାରିବ । ଚାଷୀମାନେ ଆଗାମୀ ଦିନରେ ଜମିକୁ ନ ପୋଡି ଏହି ଟ୍ରାକ୍ଟର ଚାଳିତ ବେଲର୍ ମେସିନ୍ ଚଳାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।



## କାର୍ପ ଜାତୀୟ ମିଶ୍ରିତ ମାଛଚାଷରେ ଅନ୍ତଃଫସଲର ସଫଳ ପରୀକ୍ଷଣ

ସାଧାରଣତଃ ମିଶ୍ରିତ ମାଛଚାଷରେ ଭାରତୀୟ ମୂଖ୍ୟ କାର୍ପ ଯଥା : ଭାକୁର, ରୋହି ଓ ମିରିକାଳି ମାଛକୁ ୩:୪:୩ ଅନୁପାତରେ ଏକ ଏକର ପୋଖରୀରେ ୪୦୦୦ ସଂଖ୍ୟାରେ ଛଡା ଯାଇଥାଏ । ସେମାନଙ୍କର ପ୍ରାକୃତିକ ଖାଦ୍ୟର ଅଧିକ ଉପଲବ୍ଧତା ପାଇଁ ଭାକୁର ମାଛ ଉପର ସ୍ତର (ଜୁପ୍ଲାଙ୍କଟନ୍), ରୋହି ମାଛ ମଝିସ୍ତର (ଫାଇଟୋପ୍ଲାଙ୍କଟନ୍ ଏବଂ ମୃତ ପ୍ଲାଙ୍କଟନ୍/ଡେଟ୍ରାଇଟସ୍) ଏବଂ ମିରିକାଳି ମାଛ ତଳସ୍ତର (ଫାଇଟୋପ୍ଲାଙ୍କଟନ୍ ଏବଂ ପଚସଡା ଜୈବିକ ପଦାର୍ଥ)ରେ ରହିଥାନ୍ତି । ଏହି ସବୁ ମାଛ ଉପରୋକ୍ତ ପ୍ରାକୃତିକ ଖାଦ୍ୟ ଗୁଡିକୁ ୩ ଗୋଟି ମୂଖ୍ୟ ସ୍ତରରେ ରହି ଖାଇସାରିଲା ପରେ ମଧ୍ୟ ଆହୁରି କିଛି ପ୍ରାକୃତିକ ଖାଦ୍ୟ ଅନ୍ତଃସ୍ତର ଗୁଡିକରେ ବଳକା ରହିଯାଏ । ଏହି ବଳକା ଖାଦ୍ୟ ଗୁଡିକୁ ଖାଇବା ପାଇଁ ଅନ୍ତଃଫସଲ ହିସାବରେ କିଛି କ୍ଷୁଦ୍ର କାର୍ପ ଜାତୀୟ ମାଛ (ଯେପରିକି, ଜାଭାପୁଣ୍ଟି, ଛେନକା କେରାଣ୍ଡି ଇତ୍ୟାଦି) ଏବଂ କିଛି ମଧ୍ୟମ ଆକାରର ଜାତିଆ କାର୍ପମାଛ (ପେଙ୍ଗଓ୍ୱା, ଖୁରସିଆ ରୋହି, କୁରିଆ ରୋହି, କଳାବଇଁଶୀ ଇତ୍ୟାଦି)କୁ ଯଥାକ୍ରମେ : ମୋଟ ମାଛ ସଂଖ୍ୟାର ୨୦% ଏବଂ ୧୦% ପ୍ରତିଶତ ହିସାବରେ ଛଡା ଯାଇଥାଏ । ଗତ ଆର୍ଥିକ ବର୍ଷ (୨୦୨୪-୨୫) ଖରିଫ୍ ଋତୁରେ ୫ ଗୋଟି ଗ୍ରାମର ୧୦ ଜଣ ଚାଷୀଙ୍କ ପୋଖରୀରେ ଆଇ.ସି.ଏ.ଆର୍ - ସିଫା ଦ୍ୱାରା ବିକଶିତ ଉପରୋକ୍ତ ଜ୍ଞାନ କୌଶଳର ପରୀକ୍ଷଣ କରାଯାଇଥିଲା । ପରୀକ୍ଷଣରୁ ଜଣା ଗଲା ଯେ, କ୍ଷୁଦ୍ର କାର୍ପ ହିସାବରେ ଜାଭାପୁଣ୍ଟିକୁ ଅତିରିକ୍ତ ୨୦% ହିସାବରେ ଏବଂ ମଧ୍ୟମ ଆକାର ବିଶିଷ୍ଟ ପେଙ୍ଗଓ୍ୱା ମାଛକୁ ଅତିରିକ୍ତ ୧୦% ହିସାବରେ ଏକର ପିଛା ୩୦୦୦ ସଂଖ୍ୟାରେ ପୂର୍ବରୁ ଛଡା ଯାଇଥିବା ଭାରତୀୟ ମୂଖ୍ୟ କାର୍ପ ମଧ୍ୟରେ ଅନ୍ତଃଫସଲ କରି ଏକର ପିଛା ହାରାହାରି ମୋଟ ମାଛ ଉତ୍ପାଦନ ଯଥାକ୍ରମେ : ୧୩ କ୍ୱିଣ୍ଟାଲ୍ ଏବଂ ୧୨.୩୨ କ୍ୱିଣ୍ଟାଲ୍ ଚାଷୀମାନେ ପାଇ ଥିଲା ବେଳେ ଅନ୍ତଃଫସଲ କରାଯାଇ ନଥିବା ଚାଷୀ ପୋଖରୀରେ କେବଳ ଏହି ଉତ୍ପାଦନ ହାରାହାରି ୧୧.୧୨ କ୍ୱିଣ୍ଟାଲ ମଧ୍ୟରେ ସୀମିତ ରହିଥିଲା । ଚାଷୀମାନେ ହୃଦ୍‌ବୋଧ କରିଥିଲେ ଯେ, ଏହି ଅନ୍ତଃଫସଲ ପଦ୍ଧତି ଅନୁସରଣ କରି କେବଳ ମାଛ ଉତ୍ପାଦନ ହିଁ ବୃଦ୍ଧି ହୋଇ ନଥିଲା ବରଂ ଏହା ଦ୍ୱାରା ଚାଷୀମାନେ ୪ ରୁ ୬ ମାସ ମଧ୍ୟରେ ଛୋଟ ଓ ମଧ୍ୟମ ଆକାରର ଦାମିକା ମାଛକୁ ବିକି ଅନ୍ତରୀଣ ଆୟ ମଧ୍ୟ ପାଇ ପାରିଥିଲେ ।



## ଆତ୍ମ ନିର୍ଭର ଭାରତ ଓ ସ୍ୱଦେଶୀ ମେଳା ୨୦୨୫-୨୬



ଜିଲ୍ଲା ସ୍ତରୀୟ ଆତ୍ମ ନିର୍ଭର ଭାରତ ଓ ସ୍ୱଦେଶୀ ମେଳା ପୁରୀ ସହରର ସ୍ପୋର୍ଟସ୍ କମ୍ପ୍ଲେକ୍ସ ପଡିଆରେ ତା ୧୦.୦୨.୨୦୨୬ ଠାରୁ ତା ୧୪.୦୨.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱଦେଶୀ ମେଳା ଅର୍ନ୍ତଗତ ଜିଲ୍ଲାର କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏବଂ ବିଭିନ୍ନ କୃଷକ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଦ୍ରବ୍ୟର ଷ୍ଟଲ୍ ଦିଆଯାଇଥିଲା । ଏହି ମେଳାରେ କୃଷି ବିଜ୍ଞାନ କେନ୍ଦ୍ର ଭାଗ ନେଇ କୃଷି ଯନ୍ତ୍ରପାତି ଭିତ୍ତିକ ଓ ମତ୍ସ୍ୟ ସମ୍ପଦ ସମ୍ବନ୍ଧିତ ବିଭିନ୍ନ ଜ୍ଞାନ କୌଶଳ ପ୍ରଦର୍ଶନ କରିବା ସହ କେନ୍ଦ୍ରର ବୈଜ୍ଞାନିକ ମାନେ ପାଠାଗାରରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଚାଷୀଭାଇ ଓ ଭଉଣୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ଅବସରରେ ସରକାରୀ ବିଭାଗର ଷ୍ଟଲ୍‌ମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ।




## ଆର୍ଯ୍ୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବାର୍ଷିକ ବୈଠକ

ଆର୍ଯ୍ୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବାର୍ଷିକ ବୈଠକ ତା ୭.୧୨.୨୦୨୫ ଦିନ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଜାତୀୟ ସ୍ତରରେ ଅଟାରି ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ଅଭିଜିତ ହଲଦାର୍, ରାଜ୍ୟ ଆର୍ଯ୍ୟା ପ୍ରକଳ୍ପ ନିର୍ଦ୍ଦେଶିକା ଡକ୍ଟର ଶର୍ବାଣୀ ଦାସ୍, ପ୍ରକଳ୍ପ ଅନ୍ତର୍ଗତ ସଫଳ ଯୁବଚାଷୀ, ଜିଲ୍ଲାରେ କାର୍ଯ୍ୟରତ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଓୟୁଏଟି ସମ୍ପ୍ରସାରଣ ସହନିର୍ଦ୍ଦେଶକ ଡକ୍ଟର ରବିରତନ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରକଳ୍ପର ସଫଳତା ଦୃଷ୍ଟାନ୍ତମୂଳକ ଏବଂ ବର୍ତ୍ତମାନ ଏହାକୁ ବହୁଳ ପ୍ରସାର ପାଇଁ ପରାମର୍ଶ ଦେଇଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଆୟୋଜିତ କାର୍ଯ୍ୟକ୍ରମର ବିଗତ ବର୍ଷ ଓ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଫଳତା ଏବଂ ବିଫଳତାର କାହାଣୀ ପ୍ରକାଶନ କିପରି ଅନ୍ୟାନ୍ୟ ଉଦ୍ୟୋଗୀ ମାନଙ୍କୁ ଚାଷକ୍ଷେତ୍ରରେ ଅନୁବନ୍ଧିତ କରିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରକଳ୍ପ ଅଧିକାରୀବୃନ୍ଦ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ମହୁଚାଷରେ ସଫଳତା ପାଇଥିବା ପିପିଲି ବ୍ଲକର ସୁଶାନ୍ତ କୁମାର ସାହୁ ଏବଂ ସଦର ବ୍ଲକର ମତ୍ସ୍ୟ ଚାଷୀ ସନ୍ତୋଷ ଦାସଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ ।



## ନରଓ୍ୱେ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନଙ୍କର କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଗସ୍ତ

ନରଓ୍ୱେ କୃଷି ଗବେଷଣା କେନ୍ଦ୍ରର ଜଳବାୟୁ ନମନୀୟତା ଟିମ୍‌ରୁ ବୈଜ୍ଞାନିକ ମାନେ 'ନମନୀୟତା ଉନ୍ନତ' ପ୍ରକଳ୍ପ ଅର୍ନ୍ତଗତ ନିମାପଡା ବ୍ଲକର ନରୁଡା ଗ୍ରାମ, ସତ୍ୟବାଦୀ ବ୍ଲକ୍‌ର କାହ୍ନପୁର ଗ୍ରାମ ଓ ପିପିଲି ବ୍ଲକ୍‌ର ସୁହାଗପୁର ଗ୍ରାମ ପରିଦର୍ଶନ କରିଥିଲେ । ବୈଜ୍ଞାନିକ ମାନେ ପନିପରିବା ଚାଷରେ ଅବକର୍ଷିତ ହୋଇପାରୁଥିବା ପଲିଥିନ୍ ଆଚ୍ଛାଦାନର ବ୍ୟବହାର, ଧାନ ଚାଷରେ ଯବକ୍ଷାରଜାନ ସାର ପରିଚାଳନା ପାଇଁ ପତ୍ର ରଙ୍ଗ ତଥ୍ୟ ଫର୍ଦ୍ଦର ପ୍ରଦର୍ଶନ ଏବଂ ତାପମାତ୍ରା ଓ ଆର୍ଦ୍ରତା ନିୟନ୍ତ୍ରିତ ଛାୟା ଗୃହରେ ଛତୁଚାଷ, ଛତୁ ମଞ୍ଜି ଉତ୍ପାଦନ ପ୍ରଦର୍ଶନ ଏକକ କୁ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଏହା ସହିତ ସୌର ଶକ୍ତି ସୁରକ୍ଷା ବାଡ, ନଡିଆ ଗଛ ଚଢ଼ା ଯନ୍ତ୍ର, ହାଇବ୍ରିଡ୍ ସୌର ଆଲୋକ ଯନ୍ତା ତଥା ଅନ୍ୟାନ୍ୟ ଯନ୍ତାର ପ୍ରଦର୍ଶନ ଦେଖିବା ସହିତ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ବହୁଳ ପରିମାଣରେ ଚାଷରେ ସୌର ଶକ୍ତି ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ ।





## ବିଶ୍ୱଖାଦ୍ୟ ଦିବସ ଅବସରରେ ଫର୍ଟିଫାଏଡ ଚାଉଳରୁ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା



କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ପରିସରରେ ତା ୧୬.୧୦.୨୦୨୫ ଦିନ ବିଶ୍ୱ ଖାଦ୍ୟ ଦିବସ ଅବସରରେ ଫର୍ଟିଫାଏଡ ଚାଉଳରୁ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା, ଓଡିଶା ଜୀବିକା ମିଶନର ସହାୟତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ୧୧ଟି ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ କରି ଉପସ୍ଥାପନା କରିଥିଲେ । ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ ପାଠ୍ୟଚକ୍ର ''ଫର୍ଟିଫାଏଡ ଚାଉଳର ପୋଷଣ ସୁରକ୍ଷାରେ ଭୂମିକା'' ଆୟୋଜନ କରାଯାଇଥିଲା । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (WFP), ଓଡିଶାର ସିନିୟର ପୋଗ୍ରାମ୍ ଆସୋସିଏଟ୍ ଶ୍ରୀମତୀ ମୋନା ଜେଠ୍ୱା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଫର୍ଟିଫାଏଡ ଚାଉଳର ଭୂମିକା ଓ ପୋଷଣ, ଖାଦ୍ୟ ସୁରକ୍ଷାକୁ ସୁଦୃଢ କରି ସାର୍ବଜନୀନ ସ୍ୱାସ୍ଥ୍ୟ ଉନ୍ନତି କରିବ ବୋଲି କହିଥିଲେ । ଡ. ମଞ୍ଜୁଳା ତ୍ରିପାଠୀ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ୧୧ଟି ବ୍ଲକ୍‌ର ସିଡିପିଓ, ସୁପରଭାଇଜର, ବ୍ଲକ୍ ପ୍ରୋଜେକ୍ଟ କୋଡିନେଟର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଜାତୀୟ ଅଭିନବ ଜଳବାୟୁ ନମନୀୟ କୃଷି (NICRA) ଗ୍ରାମକୁ ସମୀକ୍ଷା ଦଳର ପରିଦର୍ଶନ



ଜାତୀୟ ଅଭିନବ ଜଳବାୟୁ ନମନୀୟ କୃଷି ପ୍ରକଳ୍ପଟି ପୁରୀ ସଦର ବ୍ଲକ୍‌ର ଜାତିପୁର ଗ୍ରାମରେ ୨୦୨୧-୨୨ ବର୍ଷରେ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଜାତୀୟ ସମୀକ୍ଷା ଦଳ, ପ୍ରକଳ୍ପ ଅର୍ନ୍ତଗତ ଜାତିପୁର ଓ ପଣ୍ଡାସୁର ଗ୍ରାମ ପରିଦର୍ଶନ କରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯାଇଥିବା ବିଭିନ୍ନ ଜଳବାୟୁ ନମନୀୟ କ୍ଷେତ୍ର ପ୍ରଦର୍ଶନ ଓ ପରୀକ୍ଷଣର ସମୀକ୍ଷା କରିଥିଲେ । ସେମାନେ ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା କୃଷିଯନ୍ତ୍ରପାତି ଭଡା କେନ୍ଦ୍ର, ଗୋଷ୍ଠୀ ଜିଆଖତ ଓ ଛତୁ ଉତ୍ପାଦନ ଏକକ, ମାଛ ଚାଷ, କୁକୁଡା ଚାଷ, ପନିପରିବା ଚାଷରେ ପଲିଥିନ୍ ଆଚ୍ଛାଦନ, ଅର୍କାରକ୍ଷକ ଟମାଟୋ ଚାଷ, ବିନା ମୃତ୍ତିକାରେ ଗୋଖାଦ୍ୟ ଉତ୍ପାଦନ ଏବଂ ଶସ୍ୟ ଭଣ୍ଡାର ଇତ୍ୟାଦି ପରିଦର୍ଶନ କରିଥିଲେ । ସମୀକ୍ଷା ଦଳର ସଦସ୍ୟ ମାନେ ଗ୍ରାମବାସୀମାନଙ୍କ ସହିତ ନିକ୍ରା କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଚାଷୀମାନଙ୍କର ପ୍ରତିକ୍ରିୟା ମଧ୍ୟ ସଂଗ୍ରହ କରିଥିଲେ । ଏହି ଅବସରରେ ଓ.ୟୁ.ଏ.ଟି ସଂପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଓ ଅଟାରି କଲିକତାର ନିକ୍ରା ପରିଚାଳକ ପ୍ରଧାନ ବୈଜ୍ଞାନିକ ଡ. ଏସ୍.କେ. ମଣ୍ଡଳ ମଧ୍ୟ ସମୀକ୍ଷା ଦଳର ସଦସ୍ୟମାନଙ୍କ ସହ ଗ୍ରାମ ପରିଦର୍ଶନ କରିଥିଲେ । ଏହି ଅବସରରେ ଅନୁକ୍ରମ ମାଛ ଓ ଧାନ କୃଷିର କ୍ଷେତ୍ର ଦିବସ ମଧ୍ୟ ପାଳନ ହୋଇଥିଲା । ବୈଜ୍ଞାନିକ ମାନେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଚଳିତ ଏହି ନୂତନ ଜଳବାୟୁ ନମନୀୟ କୌଶଳ - ଅନୁକ୍ରମ ମାଛ ଓ ଧାନ ଚାଷ (Sequential rice cum fish farming) କୁ ପାଖାପାଖି ଗ୍ରାମରେ ତଦନରୂପ ଅବସ୍ଥା ଥିବା ଅଞ୍ଚଳରେ ଆଦୃତ କରିବା ପାଇଁ ପରାମର୍ଶ ଦେଇଥିଲେ ।

## କୃଷକ ଉତ୍ପାଦକ ସଂଗଠନର ପ୍ରଶିକ୍ଷଣ ଓ ପରିଭ୍ରମଣ କାର୍ଯ୍ୟକ୍ରମ



ପୁରୀ ଜିଲ୍ଲାର ୧୧ଟି ବ୍ଲକର ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ ନିମନ୍ତେ କେନ୍ଦ୍ରଠାରେ ତା ୨୨.୧୧.୨୦୨୫ ଏବଂ ତା ୨୨.୧୨.୨୦୨୫ ଦିନରେ ଦୁଇଗୋଟି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦ଟି ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା, ବୋର୍ଡସଭ୍ୟ, ସି.ଇ.ଓ ଓ ସି.ବି.ବି.ଓ ପ୍ରମୁଖ ଯୋଗଦେଇ ସଂଗଠନର ସମସ୍ୟା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଉଦ୍ୟାନ ବିଭାଗର ଅଧିକାରୀ ଓ ଡି.ଡି.ଏମ୍ ନାବାର୍ଡ ଅଂଶ ଗ୍ରହଣ କରିଥିଲେ । ତା ୧୯.୧୨.୨୦୨୫ ଦିନ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲାର ୬ଟି କୃଷକ ଉତ୍ପାଦକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେମାନେ ଢେଙ୍କାନାଳ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରରେ ଥିବା ବିଭିନ୍ନ ପ୍ରଦର୍ଶନ ୟୁନିଟ୍ ବୁଲି ଦେଖିଥିଲେ । ଢେଙ୍କାନାଳ ଜିଲ୍ଲାର ମହିଳା କୃଷକ ଉତ୍ପାଦକ ସଂଗଠନ ବଳଦେବ ଜିଉର କର୍ମକର୍ତ୍ତା ଓ ସଭ୍ୟ ମାନଙ୍କ ସହ ଛତୁଚାଷ, ପନିପରିବା ଚାଷ ଓ ଫଳଚାଷ କରି ତାକୁ ବିଦେଶ ପଠାଇବାର ସଫଳତା ବିଷୟରେ ଆଲୋଚନା କରିଥିଲେ ।




### ଆମ ପରିବାର

**ପ୍ରକାଶକ ଓ ମୁଖ୍ୟ ସଂପାଦକ :** ଡଃ ସୂର୍ଯ୍ୟ ନାରାୟଣ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ପୁରୀ, ସାକ୍ଷୀଗୋପାଳ

**ସମ୍ପାଦିକା :** ଡଃ ଦୀପଶିଖା ପରମଜୀତା, ବୈଜ୍ଞାନିକା (କୃଷି ଯାନ୍ତ୍ରିକରଣ)

**ସମ୍ପାଦନା ମଣ୍ଡଳୀ :** ଡଃ ସୁମିତା ଆଚାର୍ଯ୍ୟ, ବୈଜ୍ଞାନିକା (ଗୃହ ବିଜ୍ଞାନ); ଡଃ ଅମ୍ବିକା ପ୍ରସାଦ ନାୟକ, ବୈଜ୍ଞାନିକ (ମତ୍ସ୍ୟ ବିଜ୍ଞାନ); ଡଃ ବିଷ୍ଣୁପଦ ଗିରି, ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ); ଡଃ ସାର୍ଥକ ପଟ୍ଟନାୟକ, ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ); ରାଜେଶ କୁମାର ମହାପାତ୍ର (କ୍ଷେତ୍ର ପରିଚାଳକ); ଗୋପାଳକୃଷ୍ଣ ଓଝା (କମ୍ପ୍ୟୁଟର ସହାୟକ), ଶ୍ରୀ ବିଭୁ ପ୍ରସାଦ ଦାଶ (କ୍ଷିପ୍ର ଲେଖକ)

This Newsletter is published & Owned by Sr. Scientist and Head, Krishi Vigyan Kendra, Puri, At/Po-Sakhigopal, Pin-752014

E-mail : kvkpuri.ouat@gmailcom, purikvk@yahoo.co.in, Web : www.kvkpurizpdvii.org

Designed & Printed at : Saikrupa Graphics, Bhubaneswar, Mob.: 7008197856